ସମାଜ
The Samaja

Date: 20.03.2016

# ନିସ୍ ଶିକ୍ଷାନୁଷ୍ଠାନକୁ ଜାତୀୟ ମାନ୍ୟତା

ଭୁବନେଶ୍ୱର, ୧୯ ।୩(ନି.ପ୍ର)- ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକାରେ ଇଣ୍ଡିଆ ଟୁଡ଼େ ଟେଲିଭିଜନ ଓ ଆଟିଭରସ ଇଣ୍ଡିଆ ପତ୍ରିକା ପ୍ରାୟୋଜିତ ଜାତୀୟସ୍ତରୀୟ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାରତ ସରକାରଙ୍କର ମାନବ ସମ୍ବଳ ରାଷ୍ଟ୍ରମନ୍ତ୍ରୀ ଉପେନ୍ଦ୍ର ଖୁସୁଆ, ଭାରତୀୟ ଆଣ୍ଟି ଟେରରିଷ୍ଟ ଫ୍ରଣ୍ଟର ସଭାପତି ଏମ୍. ଏସ୍ ବିଟ୍ଟା, ସାଂସଦ ଡ. ଉଦିତ୍ ରାଜ ଓ ସଞ୍ଜୟ ଜୟସ୍ୱାଲ, ବଲିଉଡ୍ ତାରକା ମିସ୍ ଦିବ୍ୟାଦତ୍ତା, ସିନେ ନିର୍ଦ୍ଦେଶକ ଜୟନ୍ତ ଗିଲେଟର, ସାଂସଦ ତଥା ସିନେ ତାରକା କିରଣ ଖେର ଏବଂ ନୂଆଦିଲ୍ଲୀର ସ୍ୱତନ୍ତ୍ର ପୁଲିସ କମିଶନର ଡ.ମୁକ୍ତେଶ ଚନ୍ଦ୍ରର ପ୍ରମୁଖ ଯୋଗ ଦେଇଥିଲେ । ଭୁବନେଶ୍ୱର ମଦନପୁରସ୍ଥିତ ନିସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଡ୍‌ମିନିଷ୍ଟ୍ରେସନ ଶିକ୍ଷାନୁଷ୍ଠାନକୁ କୁଶଳୀ ମାନବ ସମ୍ବଳ ବିକାଶ ତଥା ଉଚ୍ଚଶିକ୍ଷାର ବିକାଶରେ ଅବଦାନ ନିମିତ୍ତ 'ବେଷ୍ଟ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶା' ମାନ୍ୟତା ପ୍ରଦାନ କରିଛନ୍ତି । ଏହି ଉତ୍ସବରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସୁଭାଷଚନ୍ଦ୍ର ନାୟକଙ୍କୁ ସାଂସଦ ତଥା ବଲିଉଡ୍ ତାରକା କିରଣ ଖେର ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ ।

